بسم الله الرحمن الرحيم

**ଖୁତ୍‌ବା ଜୁମା ୨୩ ଏପ୍ରିଲ୍ ୨୦୨୧ରେ ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବି ଏବଂ ଦ୍ୱିତୀୟ ଖଲିଫା ହଜ୍‌ରତ ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଆଜି ମୁଁ ହଜ଼ରତ ଉମର ବିନ୍ ଖତ୍ତାବ୍ ର.ଅଙ୍କ ସଂପର୍କରେ ଚର୍ଚ୍ଚା କରିବି । ହ. ଉମର୍ ର.ଅଙ୍କ ସଂପର୍କ ବନୁ ଅଦି ବିନ୍ କାଆବ୍ ବିନ୍ ଲୁଇ ସହିତ ଥିଲା । ତାଙ୍କ ପିତାଙ୍କ ନାମ ଖତ୍ତାବ୍ ବିନ୍ ନଫୀଲ୍ ଏବଂ ମାତାଙ୍କ ନାମ ହନ୍‌ତମା ବିନ୍ ହାଶିମ୍ ଥିଲା । ହ. ଉମର୍ ର.ଅଙ୍କ ଜନ୍ମ ତାରିଖ ସଂପର୍କରେ ଅନେକ ବର୍ଣ୍ଣନା ଉଲ୍ଲେଖ ରହିଛି। ଉଦାହରଣ ସ୍ୱରୂପ ଏକ ବର୍ଣ୍ଣନାନୁଯାୟୀ ହ. ଉମର୍ ର.ଅ ଫଜାର୍‌ର ସର୍ବ ବୃହତ୍ ଯୁଦ୍ଧର ଚାରି ବର୍ଷ ପୂର୍ବେ କିମ୍ବା ଅନ୍ୟ ଏକ ବର୍ଣ୍ଣନାନୁସାରେ ଚାରି ବର୍ଷ ପରେ ଜନ୍ମ ଗ୍ରହଣ କରିଥିଲେ । ଆଉ ଏକ ବର୍ଣ୍ଣନାରେ ଆପଣ ର.ଅଙ୍କ ଜନ୍ମ ଆମୁଲ୍ ଫିଲ୍ ୫୭୦ ଖ୍ରୀ.ଅର ତେରଶହ ବର୍ଷ ପରେ ଅର୍ଥାତ ୫୮୩ ଖ୍ରୀ.ଅ ବୋଲି ବର୍ଣ୍ଣନା କରାଯାଇଛି । ଏକ ବର୍ଣ୍ଣନାରେ କୁହାଯାଇଛି ଯେ, ହ. ଉମର୍ ର.ଅ ୬ ନବୱୀ ବର୍ଷ ଯେତେବେଳେ ଆପଣଙ୍କୁ ୨୬ ବର୍ଷ ହୋଇଥିଲା ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । ଅତଏବ ଏହି କ୍ରମରେ ହ. ଉମର୍ ର.ଅଙ୍କ ଜନ୍ମ ବର୍ଷ ହେଉଛି ୫୯୦ ଖ୍ରୀ.ଅ । ଅନ୍ୟ ଏକ ବର୍ଣ୍ଣନାରେ ହ. ଉମର୍ ର.ଅ ଯେତେବେଳେ ଜନ୍ମ ଗ୍ରହଣ କରିଥିଲେ ସେତେବେଳେ ଆଁହଜ଼ରତ ସ.ଅଙ୍କୁ ୨୧ ବର୍ଷ ହୋଇଥିଲା । ହ. ଉମର୍ ର.ଅଙ୍କ ଉପନାମ ଅବୁ ହଫସ୍ ଥିଲା ।

ଏକଦା ହ. ଇବ୍‌ନେ ଅବ୍ବାସ୍ ର.ଅ ହ. ଉମର୍ ର.ଅଙ୍କୁ ପ୍ରଶ୍ନ କଲେ ଯେ, ଆପଣ ର.ଅଙ୍କ ସାଂଜ୍ଞା ଫାରୁକ୍ କିପରି ପଡ଼ିଲା । ହ. ଉମର୍ ର.ଅ କହିଲେ ଯେ, ମୁଁ ହ. ହମ୍‌ଜ଼ା ର.ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଏବଂ ମସ୍‌ଜିଦେ ହରାମ୍‌ରେ ଅବୁ ଜହଲ୍‌କୁ ତୀରବିଦ୍ଧ କରି ଆହାତ କରିଦେବା ପରେ ତୃତୀୟ ଦିନ ବାହାରକୁ ବାହାରିଥିଲି । ବାଟରେ ବନୁ ମଖ୍‌ଜୁମ୍ ସଂପ୍ରଦାୟର ଜଣେ ବ୍ୟକ୍ତି ଠାରୁ ଜାଣିବାକୁ ପାଇଲି ଯେ, ମୋର ଭଉଣୀ ଏବଂ ଭିଣୋଇ ଇସ୍‌ଲାମ୍ ଧର୍ମ ଗ୍ରହଣ କରି ନେଇଛନ୍ତି । ଫଳତଃ ମୁଁ ନିଜ ଭଉଣୀ ଘରକୁ ଗଲି ଯେଉଁଠାରେ ମୁଁ କିଛି ଗୁଣୁଗୁଣୁ କରି ପାଠ କରାଯାଉଥିବା ସ୍ୱର ଶୁଣିବାକୁ ପାଇଲି । ମୁଁ ଭିତରକୁ ପ୍ରବେଶ କଲି ଏବଂ ସେଠାରେ କଥାଟା ବଢିଯିବା ଯୋଗୁଁ ମୁଁ ନିଜ ଭିଣୋଇଙ୍କ ମୁଣ୍ଡ ଧରିନେଲି ଏବଂ ତାଙ୍କୁ ପିଟି ରକ୍ତାକ୍ତ କରିଦେଲି । ଏକ ବର୍ଣ୍ଣନାରେ ଭଉଣୀଙ୍କ ଆହତ ହେବାର ମଧ୍ୟ ଚର୍ଚ୍ଚା ରହିଛି । ହ. ଉମର୍ ର.ଅ କହନ୍ତି ମୋ ଭିଣୋଇଙ୍କର ରକ୍ତ ବହିବା ଯୋଗୁଁ ମୁଁ ଅନୁତପ୍ତ ହେଲି, ମୁଁ ବସି ପଡ଼ିଲି ଏବଂ କହିଲି ମୋତେ ଆପଣ ସେହି ନଥିପତ୍ର ଦେଖାନ୍ତୁ ଯାହା ଆପଣମାନେ ବର୍ତ୍ତମାନ ପଢୁଥିଲେ । ମୋ ଭଉଣୀ କହିଲା ଯେ, ପ୍ରଥମେ ତୁମେ ସ୍ନାନ କର । ଅତଏବ ମୁଁ ଯେତେବେଳେ ସ୍ନାନ କରି ଆସିଲି ସେତେବେଳେ ସେମାନେ ମୋ ପାଇଁ ସେହି ପାଣ୍ଡୁଲିପି ବାହାର କଲେ । ଏହି ପାଣ୍ଡୁଲିପିରେ ସୁରା **ତା'ହା**ର ୨ ରୁ ୯ ନମ୍ବର ଆୟତ ଉଲ୍ଲେଖ ରହିଥିଲା । ଏହି ଆୟତର ମହିମା ଏବଂ ମର୍ଯ୍ୟାଦା ମୋ ହୃଦୟକୁ ଗଭୀର ଭାବରେ ପ୍ରଭାବିତ କଲା । ବସ୍ତୁତଃ ମୁଁ ଶୀଘ୍ର ସେଠାରୁ ଉଠି ଦାରେ ଅର୍କମ୍ ବାହାରି ଗଲି ଏବଂ ରସୁଲୁଲ୍ଲାଃ ସ.ଅଙ୍କ ସମକ୍ଷରେ ଉପସ୍ଥିତ ହୋଇ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲି । ଏହାଦେଖି

ସମସ୍ତ ସାହାବାମାନେ ଅଲ୍ଲାଃହୁ ଅକବରର ସ୍ୱର ଉତ୍ତୋଳନ କଲେ, ଯେଉଁ ଧ୍ୱନିକୁ ମକ୍କାବାସୀମାନେ ମଧ୍ୟ ଶୁଣିଲେ । ଏତଦ୍‌ପରେ ଆମେମାନେ ଦୁଇ ଧାଡ଼ି କରି ମସ୍‌ଜିଦେ ହରାମ୍‌ରେ ଉପସ୍ଥିତ ହେଲୁ । ଗୋଟିଏ ଧାଡ଼ିର ସର୍ବେଗ୍ରେ ମୁଁ ଥିଲି ଏବଂ ଅନ୍ୟ ଧାଡ଼ିରେ ହ. ହମ୍‌ଜ଼ା ର.ଅ ଥିଲେ । ଯେତେବେଳେ କୁରୈଶ୍‌ମାନେ ମୋତେ ଏବଂ ହମ୍‌ଜାକୁ ଦେଖିଲେ ସେତେବେଳେ ସେମାନଙ୍କୁ ଏତେ କଷ୍ଟ ଲାଗିଲା ଯେ, ସେମାନଙ୍କୁ ଏହା ପୂର୍ବରୁ କେବେବି ଏପରି କଷ୍ଟ ହୋଇ ନଥିବ । ଆଁହଜ଼ରତ ସ.ଅ ସେହିଦିନ ମୋର ନାମ **'ଫାରୁକ୍'** ଅର୍ଥାତ ସତ୍ୟ ଏବଂ ଅସତ୍ୟ ମଧ୍ୟରେ ପୃଥକକାରୀ ନାମକରଣ କଲେ। ଏକ ବର୍ଣ୍ଣନାନୁଯାୟୀ ହ. ଉମର୍ ରଅ ଦାରେ ଅର୍କମ୍‌ରେ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ସର୍ବଶେଷ ବ୍ୟକ୍ତି ଥିଲେ ।

ହ. ଉମର୍ ର.ଅ ଜଣେ ଦକ୍ଷ ଅଶ୍ୱାରୋହୀ, ଅଭିଜ୍ଞ ନୌକା ଚାଳକ ହେବା ସହିତ ଜଣେ ଉଚ୍ଚତା ସମ୍ପନ୍ନ ବ୍ୟକ୍ତି ଓ ଜଣେ ବଳଶାଳୀ ଶରୀର ଯୁକ୍ତ ବ୍ୟକ୍ତି ଥିଲେ । ହ. ଉମର୍ ର.ଅ କୁରୈଶ୍‌ର ସେହି ୭୦ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ଲେଖା ପଢା ଜାଣିଥିଲେ ଅର୍ଥାତ ସେ ଶିକ୍ଷିତ ଥିଲେ । ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପୂର୍ବରୁ ପ୍ରତିନିଧିତ୍ୱ ଦାୟିତ୍ୱ ତୁଲାଇବା ତାଙ୍କ ଉପରେ ନ୍ୟସ୍ତ ହୋଇଥିଲା ।

ହ. ମୁସ୍‌ଲେହ୍ ମଉଦ ର.ଅ କହନ୍ତି ହ. ଉମର୍ ର.ଅ ଇସ୍‌ଲାମ୍ ଧର୍ମ ପ୍ରତି ଘୋର ଶତ୍ରୁତା ଭାବ ରହିଥିଲା । କିନ୍ତୁ ତାଙ୍କ ଠାରେ ଆଧ୍ୟାତ୍ମିକ ଚେତନା ଏବଂ ସାମର୍ଥ୍ୟତା ମଧ୍ୟ ଭରି ରହିଥିଲା । ହୁଜ଼ୁର ସ.ଅଙ୍କୁ କଷ୍ଟଦେବା ଏବଂ ସାହାବାମାନଙ୍କୁ ଦୁଃଖ ଯନ୍ତ୍ରଣା ଦେବା ବ୍ୟତୀତ ତାଙ୍କ ମନରେ ସମବେଦନା ଭାବ ମଧ୍ୟ ରହିଥିଲା । ଅତଏବ ହବ୍‌ଶା ପ୍ରବାସର ରାତ୍ରର ଅନ୍ଧକାରରେ ହ. ଉମର୍ ର.ଅ ମକ୍କାର ପ୍ରଦକ୍ଷିଣ କରୁଥିଲେ କି ଜଣେ ସାହାବିୟାଙ୍କୁ ଯାତ୍ରାରେ ଯିବା ପାଇଁ ପ୍ରସ୍ତୁତ ହେଉଥିବାର ଦେଖିଲେ । ଅତଏବ ହ. ଉମର୍ ତାକୁ ପଚାରିଲେ ଯେ, ଆପଣମାନେ କୁଆଡ଼େ ଯାଉଛନ୍ତି । ସେହି ସାହାବିୟା ଉତ୍ତର ଦେଲେ ଯେ, ହେ ଉମର୍ ! ଆମେମାନେ ଏଇଥିପାଇଁ ନିଜର ମାତୃଭୂମିକ ପରିତ୍ୟାଗ କରି ଯାଉଛୁ କାରଣ ତୁମେ ଓ ତୁମର ଭାଇମାନଙ୍କୁ ଆମମାନଙ୍କର ଏଠାରେ ରହିବା ପସନ୍ଦ ନାହିଁ ଏବଂ ତୁମେମାନେ ଆମମାନଙ୍କୁ ସ୍ୱାଧୀନ ଭାବରେ ଏଠାରେ ଉପାସନା କରିବାକୁ ଦେଉ ନାହଁ । ଏହି ଉତ୍ତର ଶୁଣି ହ. ଉମର୍ ର.ଅ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ ଏବଂ ଅନ୍ୟ ପାର୍ଶ୍ୱକୁ ନିଜର ମୁହଁ ବୁଲାଇ ନେଇଥିଲେ ଏବଂ କହିଲେ ଆଚ୍ଛା ଯାଅ, ଅଲ୍ଲାଃତାଲା ତୁମ ସହିତ ଥାଆନ୍ତୁ ।

ହ. ଉମର୍ ର.ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପାଇଁ ଆଁହଜ଼ରତ ସ.ଅ ଏହି ଦୁଆ ମଧ୍ୟ କରିଥିଲେ । ଅତଏବ ଆଁହଜ଼ରତ ସ.ଅ କହିଲେ ଯେ, ହେ ଅଲ୍ଲାଃ ! ଦୁଇ ଜଣ ବ୍ୟକ୍ତି ଅର୍ଥାତ ଅବୁ ଜହଲ୍ ଓ ଉମର୍ ବ୍ନ୍ ଖତ୍ତାବ୍‌ଙ୍କ ମାଧ୍ୟମରେ ନିଜର ପ୍ରିୟ ଧର୍ମ ଇସ୍‌ଲାମ୍‌କୁ ସମ୍ମାନ ପ୍ରଦାନ କର । ଜୁଲ୍ ହଜ୍ଜା ନବୱୀ ମାସ ୬ ତାରିଖରେ ଯେତେବେଳେ ହ. ଉମର୍ ର.ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ମକ୍କାରେ ମୁସଲମାନ ପୁରଷଙ୍କ ସଂଖ୍ୟା ୪୦ ଥିଲା । ହ. ଉମର୍ ର.ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଅବସରରେ ହ. ଜିବ୍ରାଇଲ୍ ଅ.ସ ଅବତୀର୍ଣ୍ଣ ହେଲେ ଏବଂ ଆଁହଜରତ ସ.ଅଙ୍କୁ ସମ୍ବୋଧନ କରି କହିଲେ ଯେ, ହେ ମୁହମ୍ମଦ୍ ! ଉମର୍ ର.ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଦ୍ୱାରା ଆକାଶାବାସୀମାନେ ମଧ୍ୟ ପ୍ରସନ୍ନ ଅଟନ୍ତି ।

ହ. ଉମର୍ ର.ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାର ଅନେକ କାରଣମାନ ସାଜିଥିଲା ଏବଂ ଏ ସଂକ୍ରାନ୍ତରେ ଅନେକ ଘଟଣା ହଦୀସ୍‌ର ପୁସ୍ତକରେ ବର୍ଣ୍ଣିତ ଅନେକ ବର୍ଣ୍ଣନା ଓ ଜୀବନୀ ଚର୍ଚ୍ଚିତ ହୋଇଛି । ଏକ ବର୍ଣ୍ଣନାନୁଯାୟୀ ଅବୁ ଜହଲ୍ ହୁଜ଼ୁର ସ.ଅଙ୍କୁ ହତ୍ୟା କରିବା ପାଇଁ ବିପୁଳ ପରିମାଣର ପୁରସ୍କାର ରାଶି ଘୋଷଣା କରିଥିଲା । ଅର୍ଥାତ ଅବୁ ଜହଲ୍ ଘୋଷଣା କରିଥିଲା ଯେ, ଯେଉଁ ବ୍ୟକ୍ତି ନାଉଜୁବିଲ୍ଲାଃ (ଅଲ୍ଲାଃତାଲାଙ୍କ ଶରଣ ଭିକ୍ଷା କରୁଛୁ) ଆଁହଜ଼ରତ ସ.ଅଙ୍କୁ ହତ୍ୟା କରିବ ସେହି ବ୍ୟକ୍ତିକୁ ବିପୁଳ ପରିମାଣର ପୁରସ୍କାର ରାଶି ପ୍ରଦାନ କରାଯିବ । ଅତଏବ ହ. ଉମର୍ ର.ଅ ଆଁହଜ଼ରତ ସ.ଅଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଫୁଙ୍ଗୁଳା ଖଡ଼୍‌ଗ ଧରି ବାହାରିଲେ । ବାଟରେ ହ. ଉମର୍ ର.ଅ ଏକ ବାଛୁରୀ ଜେବହ ହେଉଥିବାର ଦେଖିଲେ ଏବଂ ସେହି ବାଛୁରୀ ପେଟରୁ ଏହି ସ୍ୱର ଶୁଣିଲେ ଯେ, ହେ ଆଲେ ଜରିହ୍ ! ହେ ଆଲେ ଜରିହ୍ ! ସେହି ବାଛୁରୀର ନାଁ ଥିଲା । ଜଣେ ଡ଼ାକିଲା ବାଲା ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦ ଏବଂ ଆଁହଜ଼ରତ ସ.ଅଙ୍କ

ଅବତାରତ୍ୱର ସାକ୍ଷ୍ୟ ଦେଇ ଏହି ଦିଗ ଆଡ଼କୁ ଡ଼ାକୁଥିଲା । ହ. ଉମର୍ ର.ଅ ଭାବିଲେ ଯେ, ଏହି ବ୍ୟକ୍ତି ତ' ମୋ ଆଡ଼କୁ ଇଙ୍ଗିତ କରୁଛି । ହଜ୍ରୁର ଅନୱର୍ ଅ.ବ କହିଲେ: ଯଦି ଏହି ବର୍ଣ୍ଣନା ସଠିକ୍ ମନେ ହେଉଛି । କାରଣ ଏହା କଶ୍‌ଫି (ତନ୍ଦ୍ରାବସ୍ଥା) ଦୃଶ୍ୟ ଥିଲା, ଯେଉଁ ଦୃଶ୍ୟକୁ ହ. ଉମର୍ ର.ଅ ସେଠାରେ ସେତେବେଳେ ଦେଖିଥିଲେ ।

ଅନ୍ୟ ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣନା କରାଯାଏ ଯେ, ଦିନେ ରାତ୍ରରେ ମସ୍‌ଜିଦେ ହରାମ୍‌ରେ ହ. ଉମର୍ ର.ଅ ହୁଜୁର ସ.ଅଙ୍କୁ ନମାଜ଼ରେ ଅଭ୍ୟସ୍ତ ଥିବାରେ ଦେଖିଲେ । ଆଁହୁଜୁର ସ.ଅ ସୁରା ରହ୍‌ମାନର ଆବୃତ୍ତି କରୁଥିଲେ । ହ. ଉମର୍ ର.ଅ କହନ୍ତି ଯେ, ମୁଁ ଯେତେବେଳେ ପବିତ୍ର କୁରଆନ କରୀମ୍ ଶୁଣିଲି ସେତେବେଳେ ମୋର ହୃଦୟ ସେହି ସ୍ଥାନରୁ ପରିବର୍ତ୍ତନ ହୋଇ ଯାଇଥିଲା ଏବଂ ମୁଁ କାନ୍ଦି ପକାଇଲି ଏବଂ ଇସ୍‌ଲାମ୍ ମୋ ଭିତରେ ପ୍ରବେଶ କରି ଯାଇଥିଲା ।

ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ହ. ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ରାତ୍ରରେ ଯେତେବେଳେ ମୋ ଭଉଣୀକୁ ପ୍ରସବ ପୀଡ଼ା ଆରମ୍ଭ ହେଲା ସେତେବେଳେ ମୁଁ ଦୁଆ କରିବା ପାଇଁ କାଆବାର ପରଦା ସହିତ ଗୁଡ଼ାଇ ହୋଇଗଲି । ସେହି ସମୟରେ ହ. ଉମର୍ ର.ଅ ଆଁହଜ଼ରତ ସ.ଅଙ୍କୁ ନମାଜରେ ଆବୃତ୍ତି କରୁଥିବାର ଶୁଣିଲେ । ଆଁହଜ଼ରତ ସ.ଅଙ୍କ ଦ୍ୱାରା ଆବୃତ୍ତି କରାଯାଇଥିବା ସେହି ବଚନର ହ. ଉମର୍ ର.ଅଙ୍କ ହୃଦୟ ଉପରେ ଏଭଳି ପ୍ରଭାବ ପଡ଼ିଲା କି ଯେତେବେଳେ ଆଁହଜ଼ରତ ସ.ଅ ସେଠାରୁ ଯିବାକୁ ବାହାରିଲେ ସେତେବେଳେ ହ. ଉମର୍ ର.ଅ ଆଁହଜ଼ରତ ସ.ଅଙ୍କ ପଛେ ପଛେ ଚାଲିଲେ । ହୁଜୁର ସ.ଅ ହ. ଉମର ର.ଅଙ୍କୁ ନିଜ ପଛ ପଛେ ଆସୁଥିବାର ଦେଖିଲେ କହିଲେ: ହେ ଉମର୍ ! ତୁମେ ନା ମୋତେ ରାତିରେ ଛାଡ଼ୁଛ ନା ଦିନରେ । ଏହା ଶୁଣି ହ. ଉମର୍ ର.ଅ ଭୟଭୀତ ହେଲେ ଏବଂ ମନେ ମନେ ଭାବିଲେ ଯେ, କାଳେ ଆପଣ ମୋତେ ଶ୍ରାପ ନ ଦେଇ ଦିଅନ୍ତୁ । ଅତଏବ ସେ ତ୍ୱରିତ ଭାବରେ କହିଲେ **ଅଶ୍‌ହଦୁ ଅଲ୍ଲାଃ ଲା ଇଲାହା ଇଲ୍ଲଲ୍ଲାଃହୁ ଓ ଅନ୍ନକା ରସୁଲୁଲ୍ଲାଃହି** । ଅର୍ଥାତ ମୁଁ ସାକ୍ଷ୍ୟ ଦେଉଅଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସନା ଯୋଗ୍ୟ ନୁହନ୍ତି ଏବଂ ନିଃସନ୍ଦେହ ଆପଣ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି ।

ହ. ଉମର୍ ର.ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ପ୍ରସଙ୍ଗରେ ଷଷ୍ଠ ବର୍ଣ୍ଣନା ହେଉଛି ଯେ, ହ. ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଦିନେ ମୁଁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପୂର୍ବରୁ ଆଁହଜ଼ରତ ସ.ଅଙ୍କ ସନ୍ଧାନରେ ବାହାରିଲେ । ମୁଁ ଦେଖିଲି ଯେ, ଆପଣ ମୋ ପୂର୍ବରୁ ମସ୍‌ଜିଦ୍‌ରେ ପହଞ୍ଚି ଯାଇଛନ୍ତି । ମୁଁ ଆପଣଙ୍କ ପଛରେ ଛିଡ଼ା ହୋଇଛି । ଆପଣ ସ.ଅ ସୁରା ଫାତିହାର ଆବୃତ୍ତି ଆରମ୍ଭ କଲେ ଏବଂ ପବିତ୍ର କୁରଆନ କରୀମ୍‌ର କ୍ରମ ବିଭାଗରେ ଆନନ୍ଦ ପ୍ରକାଶ କଲେ ଏବଂ ମୁଁ କହିଲି ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଏ କବିଙ୍କ ପରି (ଅର୍ଥାତ ହ. ମୁହମ୍ମଦ ସ.ଅ) ଯେପରି କୁରୈଶମାନେ କହନ୍ତି ଯେ, ଆଁହଜ଼ରତ ସ.ଅ ହେଉଛନ୍ତି ଜଣେ କବି ସଦୃଶ । ହ. ଉମର୍ ର.ଅ କହିଲେ ଯେ, ଯେତେବେଳେ ମୁଁ ଏହା ଭାବିଲି ସେତେବେଳେ ଆଁହଜ଼ରତ ସ.ଅ **ଇନ୍ନହୁ ଲକୌଲୁ ରସୁଲିନ୍ କରୀମ୍ । ଓମା ହୁଆ ବିକୌଲି ଶାଇରି କଲିଲନ୍ ମା ତୁମିନୁନ୍** ଆୟତର ଆବୃତ୍ତି କଲେ । ଅର୍ଥାତ *ଏହି କୁରଆନ ଜଣେ ସମ୍ମାନନୀୟ ରସୁଲଙ୍କ ଦ୍ୱାରା ଆନୀତ ବାଣୀ ଏବଂ ଏହା କୌଣସି କବିର ବାଣୀ ନୁହେଁ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଉଛି ଯେ, ତୁମେମାନେ ବିଶ୍ୱାସ କରୁ ନାହଁ* । ହ. ଉମର ର.ଅ କହିଲେ ମୁଁ କହିଲି ଏ ହେଉଛନ୍ତି ଯାଦୁଗର, ଜ୍ୟୋତିଷ । ପୁନଶ୍ଚ ହୁଜୁର ସ.ଅ ଏହି ଆୟତ ଆବୃତ୍ତି କଲେ **ଓଲା ବିକୌଲି କାହିନିନ୍ କଲିଲମ୍ ମା ତଜକ୍କରୁନ୍ । ତନ୍‌ଜିଲୁମ୍ ମିର୍ ରବ୍‌ବିଲ୍ ଆଲମିନ୍** । ଅର୍ଥାତ *ଏହା କୌଣସି ଜ୍ୟୋତିଷ ବାଣୀ ନୁହେଁ । କିନ୍ତୁ ତୁମେମାନେ ଆଦୌ ଶିକ୍ଷାଲାଭ କରୁ ନାହଁ । ଏହା ସମଗ୍ର ଜଗତର ପାଳନକର୍ତ୍ତାଙ୍କ ଠାରୁ ଅବତୀର୍ଣ୍ଣ ହୋଇଅଛି* । ହ. ଉମର୍ ର.ଅ କହନ୍ତି ଯେ, ସେହି ସମୟରୁ ହିଁ ମୋ ମନରେ ଇସ୍‌ଲାମ୍ ଧର୍ମ ବସା ବାନ୍ଧି ଗଲା ।

ସେ ଯାହା ହେଉ ନା କାହିଁକି ହ ଉମର୍ ର.ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ସଂପର୍କରେ ଇତିହାସର ଅନ୍ୟ ପୁସ୍ତକରେ ବିଭିନ୍ନ ବର୍ଣ୍ଣନା ଦେଖିବାକୁ ମିଳେ ଏବଂ ତନ୍ମଧ୍ୟରୁ ବିଖ୍ୟାତ ଅର୍ଥାତ ଯାହା ଅନେକ ପୁସ୍ତକରେ ବର୍ଣ୍ଣିତ ହୋଇଛି। ସେ ଯାହା ହେଉ ନା କାହିଁକି ଆମେମାନେ ତ' ଉକ୍ତ ବର୍ଣ୍ଣନାକୁ ସଠିକ୍ ବୋଲି ଗ୍ରହଣ କରୁଛେ । ଭଉଣୀ ଏବଂ ତାଙ୍କ ଭିଣୋଇଙ୍କ ଘଟଣା ପ୍ରସଙ୍ଗ ଯେଉଁଠାରୁ ହ. ଉମର୍ ର.ଅ ଦାରେ ଅର୍କମ୍‌କୁ ଯାଇଥିଲେ । ସମ୍ଭବତଃ ଏହା କୁହାଯାଇପାରେ ଯେ, ହ. ଉମର୍ ର.ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ଉପରୋକ୍ତ ସମସ୍ତ ବର୍ଣ୍ଣନାଗୁଡ଼ିକ ନିଜ ନିଜ ସ୍ଥାନରେ ସଠିକ୍

ହୋଇଥିବ । ଯହିଁରୁ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼େ ଯେ, ବିଭିନ୍ନ ଅବସରରେ ହ. ଉମର୍ ର.ଅଙ୍କ ହୃଦୟରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଯଦ୍ୱାରା ପରିଶେଷରେ ସେ ଏହି ପଦକ୍ଷେପ ଗ୍ରହଣ କଲେ ଏବଂ ନିଜ ଭଉଣୀ ଓ ଭିଣୋଇଙ୍କ ଘରକୁ ଗଲେ ଏବଂ ସେଠାରେ ପବିତ୍ର କୁରଆନ କରୀମ୍ ଶୁଣିଲେ ଏବଂ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପାଇଁ ଆଁହଜ଼ରତ ସ.ଅଙ୍କ ଅବତାରତ୍ୱର ଦରବାରରେ ଉପସ୍ଥିତ ହୋଇଗଲେ । ସେ ଯାହା ହେଉ ନା କାହିଁକି ଅଲ୍ଲାଃତାଲା ହିଁ ଏ ସଂପର୍କରେ ଭଲ ଭାବରେ ଜାଣନ୍ତି ଯେ, ପ୍ରକୃତ ଘଣାଟି କ'ଣ ! ହ. ଉମର୍ ର.ଅ ଙ୍କ ସଂପର୍କିତ ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଆଲୋଚନା କରିବି ।

ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ଏବଂ ନମାଜ଼ ଜୁମା ପରେ ଏହି ମୃତକମାନଙ୍କର ନମାଜ ଯନାଜାଃ ପଢାଇବି । ତନ୍ମଧ୍ୟରୁ ପ୍ରଥମ ମୃତକ ହେଉଛନ୍ତି ସମ୍ମାନନୀୟ ମୁହମ୍ମଦ ଉସ୍‌ମାନ୍ ଶବୁତି ସାହେବଙ୍କର । ସେ ୟମନ୍‌ର ମୁହମ୍ମଦ ଉସ୍‌ମାନ୍ ଶବୁତି ସାହେବଙ୍କର ସୁପୁତ୍ର ଥିଲେ । ଏପ୍ରିଲ ମାସ ୯ ତାରିଖ ଦିନ ୮୭ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଥିଲା । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍** । ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟ କୁରୈଶୀ ଜ଼କା ସାହେବଙ୍କର । ସେ ଜଲ୍‌ସା ସାଲାନା କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଥିଲେ । ତାଙ୍କର ବିୟୋଗ ମଧ୍ୟ ଏପ୍ରିଲ ମାସ ୯ ତାରିଖ ଦିନ ୮୭ ବର୍ଷ ବୟସରେ ଘଟିଥିଲା । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍।** ପରବର୍ତ୍ତୀ ଯନାଜାଃ ହେଉଛି କାନାଡ଼ାର ସମ୍ମାନନୀୟ ମଲକ୍ ଖାଲିକ୍ ଦାଦ୍ ସାହେବଙ୍କର । ୮୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍** । ପରବର୍ତ୍ତୀ ଯନାଜାଃ ହେଉଛି ମୁହମ୍ମଦ ସଲିମ୍ ସାବିର ସାହେବଙ୍କର । ସେ ଉମୁରେ ଆମ୍ମା ବିଭାଗର କର୍ମଚାରୀ ଥିଲେ । ଗତ ମାର୍ଚ୍ଚ ମାସ ୨୭ ତାରିଖ ଦିନ ୭୭ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍** । ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟା ନଇମା ଲତିଫ୍ ସାହେବାଙ୍କର । ସେ ଆମେରିକାର ସାହେବଜ଼ାଦା ମେହଦୀ ଲତିଫ୍ ସାହେବଙ୍କର ପତ୍ନୀ ଥିଲେ । ମାର୍ଚ୍ଚ ମାସ ୧୦ ତାରିଖ ଦିନ ତାଙ୍କ ବିୟୋଗ ହୋଇଥଲା । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍** । ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟା ସଫିୟା ବେଗମ୍ ସାହେବାଙ୍କର । ସେ କାନାଡ଼ାର ମୁହମ୍ମଦ୍ ଶରୀଫ୍ ସାହେବଙ୍କର ପତ୍ନୀ ଥିଲେ । ମାର୍ଚ୍ଚ ମାସ ୧୧ ତାରିଖ ଦିନ ୮୦ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍** ।

ହୁଜ଼ୁର ଅନୱର୍ ଅ.ବ କହିଲେ: ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ମୃତକମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ଏମାନଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଈଁ ୟହ୍‌ଦିହିଲ୍ଲାହୁ ଫଲା ମୁଜ଼ିଲ୍ଲା ଲହୁ ୱମଈଁ ୟୁଜ଼୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ଼୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

........................

KHULASA KHUTBA JUMA HUZOOR ANWAR a.b.a
23rd April. 2021